## ମୃତ ହିତାଧିକାରୀଙ୍କ ଚାଉଳ ହଡ଼ପ ଅଭିଯୋଗ

# ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ୱାର୍ଡ ମେମ୍ବରଙ୍କ ଦାବିପତ୍ର



**ଉଦଳା, ୨୫।୫(ସମିସ):** ଖୁଣ୍ଟା ବ୍ଲକ ଅଧୀନସ୍ଥ ବାହାନଡା ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟସଭ୍ୟା ବାହାନଡ଼ା ପଞ୍ଚାୟତର ଖାଉଟି ଯୋଗାଣ ସହାୟିକାଙ୍କ ବିରୋଧରେ କପ୍ତିପଦା ଉପଖଣ୍ଡସ୍ତରୀୟ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୟୂରଭଞ୍ଜର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗୟଳମରା ଗ୍ରାମର ଅନ୍ତ୍ୟୋଦୟ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀ ସ୍ୱର୍ଗତ ମଙ୍ଗଳ ହାଁସଦାଙ୍କ ପତ୍ନୀ ଗୁରୁବାରୀ ହାଁସଦା ଗତ ୨୦୨୩ ଏପ୍ରିଲ ୧୮ ତାରିଖରେ ମୃତ୍ୟୁବରଣ କରିଥିବା ସତ୍ତ୍ୱେ ତାଙ୍କର ଏଏୱାଇ ୨୨୧୩୦୩୧୦୯୫୪ କାର୍ଡରେ ଯୋଗାଣ ସହାୟିକା ନିଜେ ତାଙ୍କ ସ୍ୱାମୀ ବିଶ୍ୱଜିତ ସାହୁଙ୍କୁ ମନୋନୀତ ବ୍ୟକ୍ତି ଭାବେ ରଖି ଚାଉଳ ହଡ଼ପ କରୁଛନ୍ତି। ସେହିପରି ଶିରିଷଘୁଟୁ ଗ୍ରାମର ହିତାଧିକାରୀ ନାରାୟଣ କିସ୍କୁଙ୍କ ୨୦୨୪ ଏପ୍ରିଲ ୨୭ ତାରିଖରେ ମୃତ୍ୟୁ ହୋଇଥିବା ସତ୍ତ୍ୱେ ତାଙ୍କର ଏଏୱାଇ ୨୨୧୩୦୩୧୦୮୫୫ କାର୍ଡରେ ନିଜ ପୁଅ ମୋହିତ ସାହୁଙ୍କୁ ମନୋନୀତ ବ୍ୟକ୍ତି ରଖି ଖାଉଟି ଯୋଗାଣ ସହାୟିକା ସବୁ ଚାଉଳ ହଡ଼ପ କରୁଥିବା ଅଭିଯୋଗ ହୋଇଛି। ଉକ୍ତ ଖାଉଟି ସାମଗ୍ରୀ ଦୁର୍ନୀତି ମାମଲାରେ ଯଥାଶୀଘ୍ର ତଦନ୍ତ କରାଯାଇ ଖାଉଟି ଯୋଗାଣ ସହାୟିକାଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ବରଖାସ୍ତ କରାଯିବାକୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ବାହାନଡା ପଞ୍ଚାୟତର ୱାର୍ଡ ମେମ୍ବର ଅନୀଲ ମାରାଣ୍ଡି, ଜଗେନ୍ଦର ମୁର୍ମୁ, ସିନଗୋ ହାଁସଦା, ସରସ୍ୱତୀ ପାତ୍ର, ଆଲାଦି ମାରାଣ୍ଡି, ଭାରତୀ ବେହେରା, ଶଙ୍କର ଚରଣ ହେମ୍ବ୍ରମ, ମଲ୍ଲୀ ହେମ୍ବ୍ରମ, ସମ୍ବାରୀ ହେମ୍ବ୍ରମ, ନରେନ୍ଦ୍ର ଟୁଡୁ, ପ୍ରତିଭା ମଞ୍ଜରୀ ସାହୁ, ମିନତୀ ମୁର୍ମୁ, ଦିଲ୍ଲୀପ ବେଶ୍ରା, ରାଉଁଦେ କିସ୍କୁ, ଶୁକି ସୋରେନ, ସୀତା ମାରାଣ୍ଡି ଉପସ୍ଥିତ ଥିଲେ।

## ଫାଇଲିନ୍ ପରଠାରୁ ବୁଢ଼ାବଳଙ୍ଗ ନଦୀର ହ୍ରାସ ପାଉଛି ଜଳଧାରଣ କ୍ଷମତା

# କମୁଛି ଭୂତଳ ଜଳସ୍ତର; ବଢୁଛି ତାପମାତ୍ରା

**ବାରିପଦା, ୨୫।୫(ମନୋଜ ପଣ୍ଡା)**

ଫାଇଲିନ ପରଠାରୁ ମୟୂରଭଞ୍ଜ ଜିଲ୍ଲାର ଜୀବନରେଖା ବୁଢ଼ାବଳଙ୍ଗ ନଦୀର ଜଳଧାରଣ କ୍ଷମତା/ସ୍ରୋତ କମିବାରେ ଲାଗିଛି। ଦିନକୁ ଦିନ ନଦୀଶଯ୍ୟା ପୋତି ହୋଇପଡୁଥିବାବେଳେ ବର୍ଷର ୫/୬ ମାସ ନଦୀର ଉଭୟ କୂଳରେ ପାଣି ମାଡୁନାହିଁ। ଫଳରେ ଶୁଖିଲା ପଡ଼ିଛି ନଦୀଶଯ୍ୟା। ଏଥିପାଇଁ ନଦୀ ସଂଲଗ୍ନ ଅଞ୍ଚଳରେ ଜଳସ୍ତର ଦ୍ରୁତ ହ୍ରାସ ପାଇବା ଓ ଦିନର ତାପମାତ୍ରାରେ ବାରିପଦା ସହର ସମେତ ମୟୂରଭଞ୍ଜ ଜିଲ୍ଲା ଶୀର୍ଷତା ବଜାୟ ରଖିବା ବର୍ତ୍ତମାନ ଉଦବେଗଜନକ ସ୍ଥିତି ସୃଷ୍ଟି କରିଛି। ଫାଇଲିନ ପରଠାରୁ ବୁଢ଼ାବଳଙ୍ଗ ନଦୀର ଜଳଧାରଣ କ୍ଷମତା ଲଗାତର ହ୍ରାସ ପାଇବାରେ ଲାଗିଛି। ତେଣୁ ଜଳଧାରଣ କ୍ଷମତା ବୃଦ୍ଧି ପାଇଁ ବ୍ୟାରେଜ୍ ନିର୍ମାଣ ଜରୁରୀ ବୋଲି ମତ ପ୍ରକାଶ ପାଇଛି।

ବୁଢ଼ାବଳଙ୍ଗ ନଦୀ ମୟୂରଭଞ୍ଜ ଜିଲ୍ଲାର ବୃହତ୍ତମ ଓ ରାଜ୍ୟର ଏକ ପ୍ରମୁଖ ନଦୀ। ଶିମିଳିପାଳରୁ ଏହାର ଉତ୍ପତ୍ତି ହୋଇ ବାଲେଶ୍ୱରର ବଳରାମଗଡ଼ିଠାରେ ବଙ୍ଗୋପସାଗରରେ ମିଶିଛି। ବୁଢ଼ାବଳଙ୍ଗ ଶିମିଳିପାଳର ଦର୍ଶନୀୟ ଜଳପ୍ରପାତ ବରେଇପାଣିରୁ ଝରି ଯଶିପୁର ବ୍ଲକର ପାହଡ଼ ଅଞ୍ଚଳ ଦେଇ ଉତ୍ତର ଦିଗକୁ ଗତି କରି ବାଙ୍ଗିରିପୋଷି ବ୍ଲକର କରଞ୍ଜିଆପାଳଠାରେ ପହଞ୍ଚିବା ପରେ ଉତ୍ତର-ପୂର୍ବ ଦିଗରେ ଜାନକାପାହାଡ଼ ପର୍ଯ୍ୟନ୍ତ ପ୍ରବାହିତ ହୋଇଛି। ସେଠାରୁ ପୂର୍ବ ଦିଗକୁ ପ୍ରବାହିତ ହୋଇ ଶାମାଖୁଣ୍ଟା, କୁଳିଅଣା, ବାରିପଦା, ବଡ଼ସାହି ଓ ବେତନଟୀ ବ୍ଲକ ଅତିକ୍ରମ ପରେ ବାଲେଶ୍ୱର ଜିଲ୍ଲାର ରେମୁଣା ଓ ସଦର ବ୍ଲକ ଅତିକ୍ରମ କରି ବଳରାମଗଡ଼ି ମୁହାଣରେ ସମୁଦ୍ର ସହିତ ମିଶିଛି। ବାଟରେ ଅନେକ ଛୋଟ ଛୋଟ ନାଳ ଓ କତରା, ପଳପଳା, ଚିପଟ, କାଟ୍ରା, ଜରାଳି, ସରାଳି, ମାଧବୀ, ଗଙ୍ଗାହାର ଓ ସୋନ ପରି ଉପନଦୀ ମିଶିଛନ୍ତି ବୁଢ଼ାବଳଙ୍ଗ ସାଥିରେ। ଫଳରେ ତଳମୁଣ୍ଡରେ ଏହାର ଆକାର ଗଭୀର ଓ ରାଜ୍ୟର ପ୍ରମୁଖ ନଦୀମାନଙ୍କ ସମକକ୍ଷ ହୋଇପାରିଛି।



ବୁଢ଼ାବଳଙ୍ଗ ନଦୀର ମୋଟ ଲମ୍ବ ୧୦୯ ମାଇଲ ବା ୧୭୫ କିମି ହୋଇଥିବାବେଳେ ଏହାର ଜଳଧାରଣ କ୍ଷେତ୍ର ୪ ହଜାର ୮୪୦ବର୍ଗ କିମି ବା ୧ ହଜାର ୮୭୦ ବର୍ଗ ମାଇଲ। ୨୦୧୩ ଫାଇଲିନ ସମୟରେ ଅଧା ବାରିପଦା ସହର ଏହି ନଦୀର ବନ୍ୟାଜଳରେ ଉବୁଟୁବୁ ହୋଇଥିବାବେଳେ ଚଳିତବର୍ଷ ନଦୀରେ ଧୂଳି ଉଡୁଛି। ଫାଇଲିନ ସମୟରେ ଶିମିଳିପାଳ ତଥା ଉପରମୁଣ୍ଡର ମାଟି, ବାଲି ପଥର ବନ୍ୟା ଜଳରେ ଆସି ନଦୀଶଯ୍ୟା ପୋତିବା ସହିତ ବଡ଼ ବଡ଼ ଗଣ୍ଡ ପୋତି ହୋଇପଡ଼ିଥିଲା। ଫଳର ନଦୀ ସଂଲଗ୍ନରେ ବାରିପଦା ସହର ସମେତ ମୟୂରଭଞ୍ଜର ୭ଟି ବ୍ଲକର ୧୭୮ଟି ନିର୍ଭରଶୀଳ ଗ୍ରାମ ସମସ୍ୟାରେ ପଡ଼ିଛି। ନଦୀକୂଳିଆ ଜନସାଧାରଣଙ୍କ ଦୈନନ୍ଦିନ ବ୍ୟବହାର ସାଙ୍ଗକୁ ନଦୀରୁ ଉଠାଜଳସେଚନ ଓ ଉଠା ପାନୀୟଜଳ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ବାଧାପ୍ରାପ୍ତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ନଦୀର ଜଳସ୍ତର ଉପରେ ଉପରୋକ୍ତ ଅଞ୍ଚଳର ଭୂତଳ ଜଳସ୍ତର ପ୍ରଭାବିତ ହୋଇଥାଏ। ନଦୀ ଶୁଖିଲା ପଡୁଥିବାରୁ ଜଳସ୍ତର ନିମ୍ନଗାମୀ ହୋଇଛି। ପୋଖରୀ, କୂଅ, ନଳକୂଅ ସମେତ ପ୍ରମୁଖ ଜଳାଶୟରେ ପାଣି ନାହିଁ। ରାଜ୍ୟ ସରକାରଙ୍କ ରିପୋର୍ଟରେ ବଡ଼ସାହି ଓ ବେତନଟୀ ବ୍ଲକର ଭୂତଳ ଜଳସ୍ତର ଚିନ୍ତାଜନକ ହୋଇଛି।

**ଜଳଧାରଣ କ୍ଷମତା ବୃଦ୍ଧି ପାଇଁ ବ୍ୟାରେଜ ନିର୍ମାଣ ଜରୁରୀ**

ଅପରପକ୍ଷରେ ବୁଢ଼ାବଳଙ୍ଗ ନଦୀ ପ୍ରବାହିତ ଅଞ୍ଚଳର ଉଭୟ ପାର୍ଶ୍ୱ ପାଳଜମିରେ ଖରାଟିଆ ଧାନ ଓ ଅଣଧାନ ଫସଲ ବାରିପଦା ଓ ବାଲେଶ୍ୱର ସହର ସମେତ ମୟୂରଭଞ୍ଜ ଜିଲ୍ଲାର ପୂର୍ବଭାଗ ଓ ବାଲେଶ୍ୱର ଜିଲ୍ଲାର ରେମୁଣା ଓ ନୀଳଗିରି ପରିବା ମାର୍କେଟ, ବିଭିନ୍ନ ସାପ୍ତାହିକ ହାଟ ସମ୍ଭାଳିଥାଏ। ଚଳିତବର୍ଷ ଦୀର୍ଘଦିନ ଧରି ବର୍ଷା ନ ଥିବାରୁ ନଦୀ ଶୁଖିଯିବାରୁ ଚାଷ ପ୍ରଭାବିତ ହୋଇଛି। ଉଭୟ ଜିଲ୍ଲା ପ୍ରାୟତଃ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ପରିବା ଉପରେ ନିର୍ଭର କରୁଛନ୍ତି। ବୁଢ଼ାବଳଙ୍ଗ ନଦୀ ଦୁଇଟି ଜିଲ୍ଲାର ପ୍ରମୁଖ ନଦୀ ହୋଇଥିବାବେଳେ ଦୀର୍ଘଦିନ ଧରି ଏହି ନଦୀ ଉପରେ ଡ୍ୟାମ୍ ବା ବ୍ୟାରେଜ ମଧ୍ୟ ନାହିଁ। ବାଲେଶ୍ୱର ସହର ଉପକଣ୍ଠରେ ପ୍ରାୟତଃ ରେମୁଣା ବ୍ଲକ ତିନିମୁହାଁଣି (ବୁଢ଼ାବଳଙ୍ଗ, ଗଙ୍ଗାହାର ଓ ସୋନ ନଦୀର ମିଶ୍ରଣ ସ୍ଥଳ) ପର୍ଯ୍ୟନ୍ତ ଦୈନିକ ଦୁଇଥର ସମୁଦ୍ର ଜୁଆର ନଦୀ ଜଳ ଗ୍ରହଣ କରୁ ନ ଥିବାରୁ ନଦୀ ସଂଲଗ୍ନ ଜନସାଧାରଣ ନଦୀରେ ଭରା ପାଣି ଦେଖିବାକୁ ପାଉଛନ୍ତି। ମାତ୍ର ମୟୂରଭଞ୍ଜ ଜିଲ୍ଲାରେ ବର୍ତ୍ତମାନ ଅନେକ ସ୍ଥାନରେ ନଦୀ ଶୁଖିଲା ପଡ଼ିଥିବାବେଳେ ଆଉ କେତେକ ସ୍ଥାନରେ ଆଣ୍ଠୁଏ ମଧ୍ୟ ପାଣି ନାହିଁ। ଅନେକ ସ୍ଥାନରେ ଜଳପ୍ରବାହ ଠପ ହୋଇଛି। କେତେକ ସ୍ଥାନରେ ଜନସାଧାରଣ ବାଲିବନ୍ଧ ବାନ୍ଧି ପାଣିକୁ ଅଟକାଇବା ସ୍ଥିତିରୁ ତଳମୁଣ୍ଡ ଗ୍ରାମବାସୀଙ୍କ ରୋଷର ଶିକାର ହେଉଛନ୍ତି। ନଦୀରେ ପାଣି ନ ଥିବାରୁ ଓ ସ୍ୱଳ୍ପପାଣି ଦିନର ତାପମାତ୍ରାରେ ଅତ୍ୟଧିକ ଗରମ ହେଉଥିବାରୁ ମାଛ ଓ ଅନ୍ୟାନ୍ୟ ଜଳଚର ପ୍ରାଣୀ ସହିତ ପଶୁପକ୍ଷୀ ମଧ୍ୟ ଏଥିପାଇଁ ପ୍ରବାହିତ ହୋଇଛନ୍ତି। ଆଗାମୀ ଦିନରେ ବାରିପଦା ସହର ପୂର୍ବରୁ ଓ ବାଲେଶ୍ୱର ଜିଲ୍ଲାର ବାଙ୍କତିରା (ପ୍ରସ୍ତାବିତ) ବ୍ୟାରେଜ ନିର୍ମାଣ ପାଇଁ ଜଳସମ୍ପଦ ବିଭାଗ ଯତ୍ନବାନ ହେଲେ ବୁଢ଼ାବଳଙ୍ଗ ନଦୀର ଜଳଧାରଣ କ୍ଷମତା ବୃଦ୍ଧି ପାଇବା ସହିତ ନଦୀ ସଂଲଗ୍ନ ବାଙ୍ଗିରିପୋଷି, କୁଳିଅଣା, ବଡ଼ସାହି, ବେତନଟୀ, ବୈଶିଙ୍ଗା, ରେମୁଣା ବଜାର (ଟାଉନ) ସମେତ ବାରିପଦା ଓ ବାଲେଶ୍ୱର ସହରବାସୀ ସବୁଦିନ ପାଇଁ ଜଳ ସମସ୍ୟାରୁ ମୁକ୍ତି ପାଇପାରନ୍ତେ। ଚାଷୀଙ୍କ ସମସ୍ୟା ମଧ୍ୟ ଦୂର ହୋଇପାରନ୍ତା। ଏଥିପାଇଁ ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଗୁରୁତ୍ୱ ଦେବା ଜରୁରୀ ବୋଲି ମତ ପ୍ରକାଶ ପାଉଛି।

# ଏସିଆନ ଗେମ୍ସରେ ଅଧିନାୟକ ଭାବେ ବେଦାନ୍ତବିଦ ମହାନ୍ତଙ୍କ ସଫଳତା

**କରଞ୍ଜିଆ, ୨୫।୫(ସମିସ):** ଟେନିସ ଭଲିବଲ ଖେଳରେ ଭାରତୀୟ ଏକାଦଶର କ୍ୟାପଟେନ ଭାବେ ଦେଶକୁ ଗର୍ବିତ କରିଛନ୍ତି ମୟୂରଭଞ୍ଜ ଜିଲ୍ଲା ଯଶିପୁର ବ୍ଲକ ଅନ୍ତର୍ଗତ ବନ୍ଧିରାପଷି ଗ୍ରାମର ଯୁବ ଖେଳାଳି ବେଦାନ୍ତ ବିଦ ମହାନ୍ତ। ତାଙ୍କର ଏହି ସଫଳତାକୁ ନେଇ ସମଗ୍ର ଅଞ୍ଚଳରେ ଖୁସିର ଲହରି ଖେଳିଯାଇଥିବାବେଳେ କ୍ରୀଡାପ୍ରେମୀ ଓ କ୍ରୀଡାବିତଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ନେପାଳରେ ଆୟୋଜିତ ଟେନିସ ଭଲିବଲ ଆସୋସିଏସନ ଏସିଆନ ଗେମ୍ସରେ ଭାରତୀୟ ଦଳର ନେତୃତ୍ୱ ନେଇ ବେଦାନ୍ତବିଦ ମହାନ୍ତ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ଗ୍ରୁପ ପର୍ଯ୍ୟାୟରେ ଭାରତୀୟ ଦଳ ବାଂଲାଦେଶକୁ ପରାସ୍ତ କରିଥିବାବେଳେ ପରବର୍ତ୍ତୀ ମ୍ୟାଚରେ ପାକିସ୍ତାନକୁ ହରାଇ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା। ଭାରତୀୟ ଦଳର ଏହି ଐତିହାସିକ ବିଜୟରେ ବେଦାନ୍ତଙ୍କ ନେତୃତ୍ୱ ଓ ଖେଳ କୌଶଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା କୁହାଯାଉଛି। ବେଦାନ୍ତବିଦ ମହାନ୍ତ ହେଉଛନ୍ତି ଯଶିପୁର ବ୍ଲକର ବନ୍ଧିରାପଷି ଗ୍ରାମର ଲଳାପତି ମହାନ୍ତଙ୍କ ପୁତ୍ର। ସେ ବର୍ତ୍ତମାନ ଭୁବନେଶ୍ୱରସ୍ଥ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ବିଏସସି ଡିଗ୍ରୀ କରୁଛନ୍ତି। ପାଠପଢ଼ା ସହ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ସେ ନିଜ ପ୍ରତିଭା ପ୍ରଦର୍ଶନ କରିଆସୁଛନ୍ତି। ଛୋଟବେଳୁ ଖେଳ ପ୍ରତି ଆଗ୍ରହ ରଖିଥିବା ବେଦାନ୍ତ ଆଜି ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ନିଜ ଅଞ୍ଚଳକୁ ଗୌରବାନ୍ୱିତ କରିପାରିଛନ୍ତି। ତାଙ୍କର ଏହି ସଫଳତା ଓଡ଼ିଶା ସମେତ ମୟୂରଭଞ୍ଜ ଜିଲ୍ଲା ଓ ଯଶିପୁରର ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। ସ୍ଥାନୀୟ କ୍ରୀଡାପ୍ରେମୀ, ଶିକ୍ଷକ, ସାମାଜିକ କର୍ମୀ ଓ ଅଞ୍ଚଳବାସୀ ବେଦାନ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



# ଆଦିପୁରରେ ପାରମ୍ପରିକ ଚାଙ୍ଗୁ ନୃତ୍ୟ, ଦର୍ଶକ ବିଭୋର



**ଖୁଣ୍ଟ, ୨୫।୫(ସମିସ):** ମୟୂରଭଞ୍ଜ ଜିଲ୍ଲାର ପାରମ୍ପରିକ ଜନଜାତି ନୃତ୍ୟ ମଧ୍ୟରୁ ଚାଙ୍ଗୁ ନୃତ୍ୟର ସ୍ଥାନ ସ୍ୱତନ୍ତ୍ର। ଏହି ଭୂଖଣ୍ଡରେ ବସବାସ କରୁଥିବା ବିଭିନ୍ନ ଜନଜାତି ମଧ୍ୟରୁ ମୁଖ୍ୟତଃ ବାଥୁଡି ସମ୍ପ୍ରଦାୟ କୃଷି ଓ ସଂସ୍କୃତିର ଦେବତା ବଡାମ ଠାକୁରଙ୍କର ପ୍ରଧାନ ଉପାସକ। କିମ୍ବଦନ୍ତୀ ଅନୁଯାୟୀ ସେ ହେଉଛନ୍ତି ସ୍ୱୟଂ ନୀଳମାଧବଙ୍କ ଜ୍ୟେଷ୍ଠଭ୍ରାତା ବଳରାମ। ନୀଳମାଧବଙ୍କୁ ଶ୍ରୀକ୍ଷେତ୍ରକୁ ନିଆଗଲା ପରେ ଜ୍ୟେଷ୍ଠଭ୍ରାତା ବଳରାମଙ୍କୁ ବଡାମ ଠାକୁର ନାମରେ ଶିମିଳିପାଳର ଅଠର ଦେଉଳରେ ଗୋପନ ଭାବେ ଅବସ୍ଥାପିତ କରି ପୂଜାର୍ଚ୍ଚନା କରାଗଲା। ଏହି ପବିତ୍ର ପୀଠରେ ଚାଙ୍ଗୁ ବାଦ୍ୟ ବଜାଇ ବଡାମ ଠାକୁରଙ୍କୁ ନିଷ୍ଠାର ସହ ପୂଜା କଲେ ଶ୍ରଦ୍ଧାଳୁଙ୍କ ସମସ୍ତ ଦୁଃଖକଷ୍ଟ ଲାଘବ ହୋଇ ସୁଖ ସମୃଦ୍ଧି ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ପ୍ରତିବର୍ଷ ଚୈତ୍ର ମାସରେ ବାଥୁଡ଼ି ସମ୍ପ୍ରଦାୟର ଉଭୟ ପୁରୁଷ ଓ ମହିଳା ଅଠର ଦେଉଳଠାରେ ଆଠଦିନ ଧରି ସ୍ୱତନ୍ତ୍ର ପୂଜାବିଧି କରିବା ପରେ ବିଭିନ୍ନ ସ୍ଥାନରୁ ଆସିଥିବା ଭକ୍ତ, ପୂଜକ ଓ ଦେହୁରୀ ନିଜ ନିଜ ଗ୍ରାମରେ ବଡାମ ଠାକୁରଙ୍କ ଉଦ୍ଦେଶ୍ୟରେ ଚାଙ୍ଗୁ ନୃତ୍ୟ ବା ବଡାମ ଯାତ୍ରା ଆୟୋଜନ କରିଥା'ନ୍ତି। ପୁଅମାନେ ଚାଙ୍ଗୁ ବଜାଇ ନାଚୁଥିବାବେଳେ ଝିଅବୋହୂ ରକ୍ଷଣଶୀଳତାର ପରିଚୟ ଦେଇ ସମ୍ପୂର୍ଣ୍ଣ ଭାବେ ଓଢଣାରେ ମୁହଁକୁ ଆବୃତ୍ତ ରଖି ନଇଁ ନଇଁ ନାଚିଥା'ନ୍ତି। ବାଦ୍ୟର ତାଳେ ତାଳେ ବଡାମ ଜଣାଣ ଓ ପାରାୟଣ ଆଧାରିତ ଗୀତର ସ୍ୱର ଚତୁଃପାର୍ଶ୍ୱରେ ଝଙ୍କୃରିତ ହୋଇଥାଏ। ଏଥିସହ ସମସ୍ତ ବାଥୁଡି ଗ୍ରାମରେ ବଡାମ ଠାକୁରଙ୍କୁ 'ବଡାମ ଶାଳ' ଭାବେ ବିଧିମତେ ପୂଜାର୍ଚ୍ଚନା କରାଯାଇଥାଏ। ଏହି ଆଧ୍ୟାତ୍ମିକ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ପୂର୍ବ ବର୍ଷ ଭଳି ମୟୂରଭଞ୍ଜ ଜିଲ୍ଲା ଶୁକ୍ଳି ବ୍ଲକ ଅନ୍ତର୍ଗତ ଐତିହ୍ୟ ସମ୍ପନ୍ନ ଗ୍ରାମ ଆଦିପୁରଠାରେ ବିଶିଷ୍ଟ ସମାଜସେବୀ ଓ ସାରସ୍ୱତ ସାଧକ ଉମେଶ ଚନ୍ଦ୍ର ନାୟକଙ୍କ ଦ୍ୱାରା ଦ୍ୱିଦିବସୀୟ ଚାଙ୍ଗୁ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ଏହି ଉପଲକ୍ଷେ କେନ୍ଦୁଝର ଜିଲ୍ଲାର ଗଣ୍ଡବେଡା, ତେଲିପଡ଼ା ଓ ମୟୂରଭଞ୍ଜ ଜିଲ୍ଲାର ଶରଧା ଓ ଆଦିପୁର ପ୍ରମୁଖ ସୁପ୍ରତିଷ୍ଠିତ ଚାଙ୍ଗୁ ନୃତ୍ୟ ପ୍ରତିଷ୍ଠାନ ଅଂଶଗ୍ରହଣ କରି ପାରମ୍ପରିକ ନୃତ୍ୟ ଓ ଜଣାଣ ପରିବେଷଣ କରି ହଜାର ହଜାର ଦର୍ଶକଙ୍କୁ ବିମୋହିତ କରିଥିବା ଦେଖିବାକୁ ମିଳିଛି।

# ୧୪ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ ଚାମ୍ପିଅନସିପ୍ ଉଦ୍‌ଘାଟିତ

**ବାରିପଦା, ୨୫।୫(ସମିସ):** ସ୍ଥାନୀୟ ବାରିପଦା ଷ୍ଟାଡ଼ିୟମରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା, ଜିଲ୍ଲା ପ୍ରଶାସନ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ମିଳିତ ସହଯୋଗରେ ୧୪ ବର୍ଷରୁ କମ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିଅନସିପ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଏହି ଚାମ୍ପିଅନସିପକୁ ଉଦଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଉପସଭାପତି ବିବେକାନନ୍ଦ ପଟ୍ଟନାୟକ, ମନୋଜ ସାଓ, ସାଧାରଣ ସମ୍ପାଦକ ବିଜୟ ଦାସ, ସହସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର ମହାନ୍ତି, ଅମ୍ବିକା ରାଉତ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ ବେହେରା, ବରିଷ୍ଠ କ୍ରୀଡ଼ାବିତ ବିଜୟ ଦାସ ଉପସ୍ଥିତ ଥିଲେ। ବାଳକ ବିଭାଗର ପ୍ରଥମ ମ୍ୟାଚରେ ଉଦଳା ସରକାରୀ ଉଚ୍ଚବିଦ୍ୟାଳୟ ୫-୦ ଗୋଲରେ ଚଢେଇଗାଁ ଉଚ୍ଚ ବିଦ୍ୟାଳୟ, ମୋରଡା, ଦ୍ୱିତୀୟ ମ୍ୟାଚରେ ଦେଉଳି ୟୁନାଇଟେଡ଼ ଫୁଟବଲ କ୍ଲବ, ଶୁଳିଆପଦା ୫-୦ ଗୋଲରେ ଫିଉଚର ଷ୍ଟାର ଏକାଡେମୀ, ବାରିପଦା, ତୃତୀୟ ମ୍ୟାଚରେ ବାଦାମପାହାଡ଼ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ୭-୧ ଗୋଲରେ ୟୁଏନଜି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରମାଇଲକୁ ପରାସ୍ତ କରିଛି। ସେହିପରି ବାଳିକା ବିଭାଗରେ ସାତକୋଶିଆ ଚଢ଼େଇଗାଁ ୧୪-୦ ଗୋଲରେ ଚଢେଇଗାଁ ସରକାରୀ ଉଚ୍ଚବିଦ୍ୟାଳୟକୁ ପରାସ୍ତ କରିଛି। ବାପୁନ ମହାନ୍ତ, କେଶବ ସୋରେନ, ନାରାୟଣ ହାଁସଦା, ଯୁଗସେଙ୍ଗଲ ସୋରେନ, ସମ୍ରାଟ ହେମ୍ବ୍ରମ, ଲୋକନାଥ ହେମ୍ବ୍ରମ, ଅମ୍ବିକା ହେମ୍ବ୍ରମ, ସୁଭଦ୍ରା ହେମ୍ବ୍ରମ ଓ ସୋମବାରୀ ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ। ଚଳିତ ମାସ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଚାମ୍ପିଅନସିପର ବାଳକ ବିଭାଗରେ ୭ଟି ଓ ବାଳିକା ବିଭାଗରେ ୪ଟି ଦଳ ଅଂଶଗ୍ରହଣ କରିଥିବା ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି। ଶ୍ରୀନିବାସ ହେମ୍ବ୍ରମ ଓ ରାଇସେନ ଟୁଡୁ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



## ବେଆଇନ ଲଘୁ ଖଣିଜ ଚୋରା ଚାଲାଣ ରୋକିବାରେ ପ୍ରଶାସନ ବିଫଳ

# ଚୋରା ଚାଲାଣ ନେଇ ତାତିଲେ ଲୋକେ, ଅଟକ ରଖିଲେ ଟ୍ରାକ୍ଟର

**ରାଇରଙ୍ଗପୁର, ୨୫।୫(ସମିସ):** ବାମନଘାଟି ଉପଖଣ୍ଡର ଲଘୁ ଖଣିଜ ମାଫିଆଙ୍କ ଭୂସ୍ୱର୍ଗ ପାଲଟିଥିବାବେଳେ ନିୟମିତ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ହେଉଛି। ଯାହାକୁ ରୋକିବା ପାଇଁ ପ୍ରଶାସନ ବିଫଳ ହେବାରୁ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ନିୟମିତ ଲଘୁ ଖଣିଜ ଚୋରା ଚାଲାଣ ନେଇ ଗ୍ରାମବାସୀ ତାତିବା ସହ ଟ୍ରାକ୍ଟର ଅଟକ ରଖିବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି।

ବାଦାମପାହାଡ଼ ଥାନା ଅନ୍ତର୍ଗତ ମୟୂରଦର ପଞ୍ଚାୟତର ଚଣ୍ଡିଦା ଗ୍ରାମ ନିକଟସ୍ଥ ନଦୀ ଗର୍ଭରୁ ଟ୍ରିପ ଟ୍ରିପ ବେଆଇନ ବାଲି ଉତ୍ତୋଳନ ହୋଇ ଚୋରା ଚାଲାଣ ହେଉଛି। ଅନେକ ସଂଖ୍ୟକ ଟ୍ରାକ୍ଟର ପ୍ରତିଦିନ ଯାତାୟାତ କରିବା ଦ୍ୱାରା ଗ୍ରାମ ରାସ୍ତା ନଷ୍ଟ ହେଉଛି। ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତାରେ ଖାଲ ସୃଷ୍ଟି ହେଉଛି। ଫଳରେ ଗ୍ରାମବାସୀଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏହାସହିତ ଗ୍ରାମବାସୀଙ୍କ ଅନ୍ୟାନ୍ୟ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ପୁଲିସ ଓ ଖଣି ବିଭାଗ ଅଧିକାରୀଙ୍କୁ ଜଣାଇଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଗଲ ନାହିଁ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବେଆଇନ ବାଲି ଉତ୍ତୋଳନକୁ ବିରୋଧ କରି ସୋମବାର ପୂର୍ବାହ୍ନରେ ଟ୍ରାକ୍ଟରକୁ ଅଟକ ରଖିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବାରୁ ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ପହଞ୍ଚିଥିଲା। ବାଲି ଚାଲାଣ ବେଳେ ୩ଟି ଟ୍ରାକ୍ଟରକୁ ଗ୍ରାମବାସୀ ଅଟକ ରଖିଥିବାବେଳେ ପୁଲିସ ଜିମା ଦେଇଥିଲେ। ପୁଲିସ କାଗଜପତ୍ର ଯାଞ୍ଚ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବେଆଇନ ବାଲି ଉତ୍ତୋଳନ ନେଇ ବାଲି ଚାଲାଣକାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଯୁକ୍ତିତର୍କ ହେବାରୁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗ୍ରାମବାସୀଙ୍କ ଦାବି ଅନୁଯାୟୀ ବାଲି ଉତ୍ତୋଳନ ରୋକିବା ନେଇ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀଙ୍କ ଆନ୍ଦୋଳନ ଥମିଥିଲା। ଆଗକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



# ଅସରାଏ ବର୍ଷାରେ ଗ୍ରୀଷ୍ମ ତାତିରୁ ମିଳିଛି ସାମାନ୍ୟ ଆଶ୍ୱସ୍ତି

**କରଞ୍ଜିଆ, ୨୫।୫(ସମିସ):** ଗତ କିଛିଦିନ ଧରି କରଞ୍ଜିଆ ଅଞ୍ଚଳରେ ପ୍ରଚଣ୍ଡ ଖରା ଓ ଅସହ୍ୟ ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିବାବେଳେ ଆଜି ଅସରାଏ ବର୍ଷା ଲୋକଙ୍କୁ କିଛିମାତ୍ରାରେ ଆଶ୍ୱସ୍ତି ଦେଇଛି। ଦିନ ସାରା ପ୍ରବଳ ଖରା ସହ ଗରମ ପବନ ବହୁଥିବାରୁ ଲୋକେ ଘରୁ ବାହାରିବାକୁ ଭୟ କରୁଥିଲେ। ବଜାରଠାରୁ ଆରମ୍ଭ କରି ରାସ୍ତାଘାଟ ପର୍ଯ୍ୟନ୍ତ ସବୁଠି ଖାଁ ଖାଁ ପରିସ୍ଥିତି ଦେଖିବାକୁ ମିଳିଥିଲା। ଆଜି ଅପରାହ୍ନରେ ହଠାତ୍ ଆକାଶ ମେଘାଚ୍ଛନ୍ନ ହେବା ସହ ପବନ ବହିଥିଲା ଓ କିଛି ସମୟ ପରେ ବାଦଲ ଫଟା ବର୍ଷା ହୋଇଥିଲା। ବର୍ଷା ହେବା ପରେ ପରିବେଶ ଥଣ୍ଡା ହୋଇଥିବାବେଳେ ତାପମାତ୍ରାରେ ମଧ୍ୟ କିଛିଟା ହ୍ରାସ ଘଟିଥିଲା। ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଥିଲା। ବିଶେଷକରି ଛୋଟ ପିଲା ବର୍ଷାରେ ଭିଜି ଆନନ୍ଦ ଉଠାଇଥିବାବେଳେ ଚାଷୀ ମଧ୍ୟ ଏହି ବର୍ଷାକୁ ନେଇ ଆଶାବାଦୀ ହୋଇପଡ଼ିଛନ୍ତି। ଦୀର୍ଘଦିନର ତାତି ପରେ ଏଭଳି ବର୍ଷା କରଞ୍ଜିଆ ଅଞ୍ଚଳବାସୀଙ୍କୁ ସାମୟିକ ଭାବେ ହେଲେ ମଧ୍ୟ ଆଶ୍ୱସ୍ତି ଦେଇଛି।

## ପ୍ରଶାସନର ନାହିଁ ନିଘା

# ହାତୀଗୋଡ଼ା-ନିପାଣିଆ ରାସ୍ତା ପାଲଟିଛି ମରଣଯନ୍ତା



**ମହୁଲଡିହା, ୨୫।୫(ସମିସ)**

ହାତିଗୋଡ଼ା ପଞ୍ଚାୟତର ହାତୀଗୋଡ଼ା ରାସ୍ତାରୁ ଠାକୁରମୁଣ୍ଡା ଗ୍ରାମପଞ୍ଚାୟତର ନିପାଣିଆ ଗାଁ ଦେଇ ଆସିଥିବା ରାସ୍ତା ଏବେ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳିଛି। ଅଖାପଲାଣ ବନ୍ଧ ନିକଟରେ ଥିବା ଏକ କଲଭର୍ଟ (କଂକ୍ରିଟ ପୋଲ) ଭାଙ୍ଗିଯାଇଛି। କଲଭର୍ଟ ନିକଟରେ ନୂତନ ଭାବେ ହାତୀଗୋଡ଼ା ଗ୍ରାମ ପଞ୍ଚାୟତ ପକ୍ଷରୁ ଅଧିକ ଲାଭ ପାଇବା ପାଇଁ ଏକ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। ପ୍ରଶାସନ ଓ କଣ୍ଟ୍ରାକ୍ଟରଙ୍କ ମଧୁଚନ୍ଦ୍ରିକାରେ ତୁରନ୍ତ ଲାଭର ମାଧ୍ୟମ କଂକ୍ରିଟ୍ ରାସ୍ତା ନିର୍ମାଣ ହେଉଛି। ତେଣୁ ପ୍ରଶାସନ କଂକ୍ରିଟ ରାସ୍ତା କରିବାରେ ବ୍ୟସ୍ତ। ଏଣେ ନିର୍ମାଣ ହୋଇଥିବା ରାସ୍ତା ଓ ପୋଲର ମରାମତି ଦିଗରେ ଧ୍ୟାନ ନାହିଁ। ଏହି ରାସ୍ତାରେ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ସମ୍ପୃକ୍ତ ରାସ୍ତାରେ ନୂଆ ଲୋକ ଆସିଲେ ବିପଦରେ ପଡୁଛନ୍ତି। କେବେଠାରୁ ଭାଙ୍ଗିଯାଇଥିବା କଲଭର୍ଟରେ ପଡ଼ି ଧନଜୀବନ କ୍ଷୟକ୍ଷତି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଭାଙ୍ଗି ଯାଇଥିବା ପୋଲ ସ୍ଥାନରେ ବିପଦ ସଙ୍କେତ ମଧ୍ୟ କୌଣସି ପଞ୍ଚାୟତ ପକ୍ଷରୁ ଦିଆଯାଇନି। ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନେଇ କଲଭର୍ଟ ନିର୍ମାଣ କରିବାକୁ ନିପାଣିଆ ଗ୍ରାମବାସୀ ଦାବି ଜଣାଇଛନ୍ତି। ଉକ୍ତ ରାସ୍ତା ମରାମତି କରା ନ ଗଲେ ଗ୍ରାମବାସୀ ଠାକୁରମୁଣ୍ଡା ବ୍ଲକ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

# ଭୋଳାଗଡ଼ିଆ ହାଟରେ ବାଇକ୍ ଚୋର ସକ୍ରିୟ

**କୁଆମରା, ୨୫।୫(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ଭୋଳାଗଡ଼ିଆ ସାପ୍ତାହିକ ହାଟରେ କ୍ରମାଗତ ବାଇକ୍ ଚୋରି ହେବା ଯୋଗୁଁ ସାଧାରଣ ଲୋକ ଓ ବ୍ୟବସାୟୀ ମହଲରେ ଅସନ୍ତୋଷ ଦେଖାଦେଇଛି। ୬ ମାସ ମଧ୍ୟରେ ୧୦ରୁ ଅଧିକ ବାଇକ୍ ଚୋରି ହୋଇଥିବାବେଳେ ଗତକାଲି ହାଟରେ ଚାପଲଡିହି ଗ୍ରାମର ତୁନୁରାମ ଟୁଡୁଙ୍କ ବାଇକ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ତୁନୁରାମ ହାଟ ସମ୍ମୁଖରେ ବାଇକ୍ ରଖି ସଉଦା କରିବାକୁ ଯାଇଥିଲେ। ଅଧ ଘଣ୍ଟାଏ ପରେ ଫେରିବା ବେଳକୁ ବାଇକ୍ ସେଠାରେ ନ ଥିଲା। ତେବେ ବହୁ ଖୋଜାଖୋଜି କରିଥିଲେ ମାତ୍ର ପାଇ ନ ଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି।

## ଦୁର୍ଘଟଣାରେ ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ୍ ସଭାପତି ମୃତ



ବେତନଟୀ, ୨୫।୫(ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ଆମ୍ବଗଡ଼ିଆ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଓ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ, ମୟୂରଭଞ୍ଜ ଜିଲ୍ଲା ସଭାପତି ଶରତ ମହାନ୍ତ (୫୫) ଆଜି ସକାଳେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ବୈଶିଙ୍ଗା-ରୁପସା ରାସ୍ତାରେ ଥିବା ଏକ ଦୋକାନ ସମ୍ମୁଖରୁ ବାଇକ୍‌ରେ ଘରକୁ ଫେରିବାକୁ ବାହାରୁଥିବା ସମୟରେ ବିପରୀତ ଦିଗରୁ ଅତ୍ୟଧିକ ବେଗରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଶ୍ରୀ ମହାନ୍ତ ଜିଲ୍ଲାର ଶିକ୍ଷକ ସମାଜରେ ଏକ ପରିଚିତ ଓ ସମ୍ମାନିତ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ଅକାଳ ମୃତ୍ୟୁରେ ବେତନଟୀ ଅଞ୍ଚଳ ସମେତ ସମ୍ପୂର୍ଣ୍ଣ ଶିକ୍ଷକ ସମାଜରେ ଶୋକର ଛାୟା ଖେଳିଯାଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଉଦଳା,୨୫।୫(ସମିସ): ସ୍ତ୍ରୀର ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଯିବା ହେଲା କାଳ। ଘରକୁ ଫେରିବା ପରେ ଲୁଟେରା ସବୁ ଲୁଟି ନେଇଛନ୍ତି। ଏଭଳି ଘଟଣା ଘଟିଛି ଉଦଳା ଥାନା ପାଟପୁର ନୂଆସାହି ୬ ନମ୍ବର ୱାର୍ଡରେ। ଗ୍ରାମର ଭଗବାନ ଆରୁଖଙ୍କ ସ୍ତ୍ରୀ ସୁଭଦ୍ରା ମଞ୍ଜରୀ ବେହେରାଙ୍କ ଅଚାନକ ୧୮ ତାରିଖରେ ହୃଦ୍‌ଜନିତ ସମସ୍ୟା ଦେଖାଯାଇଥିଲା। ତାଙ୍କୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଘରୋଇ ହସ୍ପିଟାଲକୁ ନେଇଥିଲେ। ଚିକିତ୍ସା କରାଇ ଆଜି ଘରକୁ ଫେରିବା ପରେ ଘର ମୁଖ୍ୟ କବାଟ ତାଲା ଭଙ୍ଗା ଯାଇଥିବା ଦେଖିବା ସହିତ ଘର ଭିତରେ ଲୁଟ ହୋଇଥିବା ଜାଣିବାକୁ ପାଇଥିଲେ। ପରେ ଏ ନେଇ ଉଦଳା ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ବାରିପଦାରୁ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଛି। ଲୁଟେରା ଗଡ଼ରେଜ ଭାଙ୍ଗି ସେଥିରେ ଥିବା ନଗଦ ୫୦ ହଜାରରୁ ଅଧିକ ଟଙ୍କା ସହିତ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟିନେଇଥିବା ଜଣାଯାଇଛି।

## ଖୋଲିଲା ସୀତାରାମ ରୁଙ୍ଗଟା ଶିଶୁ ଉଦ୍ୟାନ



ଚମ୍ପୁଆ,୨୫।୫(ସମିସ): ଚମ୍ପୁଆସ୍ଥିତ ୨ନମ୍ବର ୱାର୍ଡ ଫାଚପୋଖରିଆଠାରେ ଦୀର୍ଘଦିନ ଧରି ବନ୍ଦ ପଡ଼ିଥିବା ସୀତାରାମ ରୁଙ୍ଗଟା ଶିଶୁ ଉଦ୍ୟାନ ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ସିଦ୍ଧାର୍ଥ ସିଂ, ଭାଜପା ନେତା ପହଲି ନାଏକ, ଉପାଧ୍ୟକ୍ଷା ସୁମିତ୍ରା ବେହେରା, ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା ପ୍ରମୁଖ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଉଦ୍ୟାନ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଓମ୍ ସାଇ ରାମକୁ ହସ୍ତାନ୍ତର କରାଗଲା ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## ମୟୂରଭଞ୍ଜ ଜିଲ୍ଲାରେ ୫ ନୂତନ ବିଇଓଙ୍କ ନିଯୁକ୍ତି

ବାରିପଦା/ରାଇରଙ୍ଗପୁର, ୨୫।୫(ସମିସ):ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୋମବାର ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାରେ ୫ ଜଣ ନୂତନ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ନିଯୁକ୍ତ କରାଯାଇଥିବାବେଳେ ୨ ଜଣଙ୍କୁ ଜିଲ୍ଲା ବାହାରକୁ ବଦଳି କରାଯାଇଛି। ସେହିପରି ୨ ଜଣ ହାଇସ୍କୁଲ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବିଇଓ ଭାବେ ପଦୋନ୍ନତି ପୂର୍ବକ ସ୍ଥାନାନ୍ତରିତ କରାଯାଇଛି। ଗୋପବନ୍ଧୁନଗରର ବିଇଓ ଅଭିମନ୍ୟୁ ସେଠୀଙ୍କ ଯାଜପୁରକୁ ବଦଳି ହୋଇଛି। ଉଦଳା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଅନୁଜା ମଧୁରୀ ଦାସଙ୍କୁ ବାରିପଦା ବିଇଓ ଭାବେ ନିଯୁକ୍ତି ହୋଇଛି। ବାଙ୍ଗିରିପୋଷି ବିଇଓ ଜଗନ୍ନାଥ ଦଣ୍ଡଙ୍କର ରାସଗୋବିନ୍ଦପୁରକୁ ବଦଳି ହୋଇଛି। ଭଦ୍ରକ ଜିଲ୍ଲା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ପାନମଣି ବେଶ୍ରା କପ୍ତିପଦା ବିଇଓ ଭାବେ ନିଯୁକ୍ତ ହୋଇଛନ୍ତି । ସେହିପରି ବହଳଦା ହାଇସ୍କୁଲ ପ୍ରଧାନଶିକ୍ଷକ ମନୋରଞ୍ଜନ ଗିରି ଜାମଦା ବିଇଓ ଭାବେ ପଦୋନ୍ନତି ପାଇଛନ୍ତି। କୋରାପୁଟର ଲାମତାପୁଟ ବିଇଓ ସୁବ୍ରତ କିସ୍କୋଙ୍କ ଉଦଳାକୁ ବଦଳି ହୋଇଥିବାବେଳେ ଉଦଳା ବିଇଓ ଦୀପକ ମିଶ୍ରଙ୍କ ଲାମତାପୁଟକୁ ବଦଳି ହୋଇଛି। ସମସ୍ତ ଅଧିକାରୀଙ୍କୁ ଶୀଘ୍ର ନୂତନ ସ୍ଥାନରେ ଯୋଗଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଚାଷଜମିରୁ ବିଦ୍ୟୁତ୍ ତାର ଚୋରି

ବେତନଟୀ,୨୫।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ମିରିଗିଦାରି ଗ୍ରାମରେ ଚାଷୀଙ୍କ ଚାଷଜମିରୁ ପ୍ରାୟ ଏକ କିଲୋମିଟର ଲମ୍ବର ବିଦ୍ୟୁତ୍ ତାର ଚୋରି ହୋଇଛି। ଖରାଟିଆ ଧାନଚାଷ ପାଇଁ ମିଳିତ ଭାବେ ଖର୍ଚ୍ଚ କରି ସେଚ ପଏଣ୍ଟକୁ ବିଦ୍ୟୁତ୍ ସଂଯୋଗ କରିଥିବା ଚାଷୀ ଏହି ଘଟଣାରେ ବେଶ୍ ଚିନ୍ତିତ ହୋଇପଡ଼ିଛନ୍ତି। ଚାଷୀ ଜଳସେଚନ ସୁବିଧା ପାଇଁ ନିଜ ଖର୍ଚ୍ଚରେ ଛଅଟି ଖୁଣ୍ଟରେ ବିଦ୍ୟୁତ୍ ଲାଇନ୍ ଟାଣିଥିଲେ। ପ୍ରାୟ ଏକ କିମି ଲମ୍ବର ତାର କାଟି ନେଇଯାଇଛନ୍ତି ଦୁର୍ବୃତ୍ତ। ଫଳରେ ଚାଷୀଙ୍କ ପାଖରେ ପୁନଃ ସଂଯୋଗ ପାଇଁ ଅଧିକ ଖର୍ଚ୍ଚ କରିବା ବ୍ୟତୀତ ଆଉ କୌଣସି ଉପାୟ ନାହିଁ। ଅଭିଯୋଗ ପାଇ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ତତ୍ତ୍ୱାବଧାନରେ ମାଣତ୍ରୀ ବିଟ୍ ହାଉସ୍ ଅଧିକାରୀ ଲମ୍ବୋଦର ବାରିକ ତଦନ୍ତ ଆରମ୍ଭ କରିଛନ୍ତି।

● ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

## ବାରିପଦାରେ ଶବ ସତ୍କାର କରି ଫେରିଲା ପରିବାର

ବେତନଟୀ, ୨୫।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଶାଳବଣି ଜଙ୍ଗଲରେ ଏକ ଗଛରେ ଝୁଲୁଥିବା ଅବସ୍ଥାରେ ଜଣେ ୨୦ ବର୍ଷୀୟ ଯୁବତୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୁଲିସ ଏହାକୁ ଅପମୃତ୍ୟୁ ମାମଲା ଭାବେ ତଦନ୍ତ ଆରମ୍ଭ କରିଛି। ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅଞ୍ଚଳର ବାସିନ୍ଦା ଥିଲେ ମୃତ ଯୁବତୀ। ସ୍ଥାନୀୟ ଲୋକଙ୍କ ଖବର ପାଇ ବୈଶିଙ୍ଗା ଥାନା ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ଗତକାଲି ବିଳମ୍ବିତ ରାତିରେ ଯୁବତୀଙ୍କ ପରିବାର ଲୋକ ଦେବଗଡ଼ରୁ ଆସି ପହଞ୍ଚିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକ ବାରିପଦାରେ ଶବ ସତ୍କାର କରି ଫେରି ଯାଇଛନ୍ତି।

କୁଳିଅଣା(ବି)-ବର୍ତ୍ତନା ବୁଢ଼ାବଳଙ୍ଗ ନଦୀଶଯ୍ୟାରୁ ବେଆଇନ ବାଲି ଉତ୍ତୋଳନ

# ପୋଲର ସ୍ଥାୟିତ୍ୱ ନେଇ ଆଶଙ୍କା, ସରକାରଙ୍କ ରାଜସ୍ୱ ହାନି

ବଡ଼ସାହି,୨୫।୫(ସମିସ):



ବଡ଼ସାହି ବ୍ଲକ୍ ଅଧୀନ ବୁଢ଼ାବଳଙ୍ଗ ନଦୀଶଯ୍ୟାର ବିଭିନ୍ନ ବାଲିଘାଟରୁ ବେଆଇନ ବାଲି ଉତ୍ତୋଳନକୁ ନେଇ ଏକାଧିକ ଏନଜିଟି ମାମଲା ରୁଜୁ ହୋଇ ତଦନ୍ତ ସହିତ ମାମଲା କୋର୍ଟରେ ବିଚାରାଧୀନ ଅଛି। ପୁଣି କୁଳିଅଣା(ବି) ଓ ବର୍ତ୍ତନ ଘାଟକୁ ନେଇ ଏନଜିଟିରେ ମାମଲା ରୁଜୁ ହେବାକୁ ସଜବାଜ ଆରମ୍ଭ ହୋଇଛି। ଏପରିକି ନିକଟ ଅତୀତରେ ମହୁପୁରା, ଡିଙ୍ଗିରା, ବାଗୁଲି, ଆସକନ୍ଦ ଓ ଶାକୁଆ ଘାଟରୁ ବେଆଇନ ବାଲି ଉତ୍ତୋଳନକୁ ରୋକିବାକୁ କଡ଼ା ପଦକ୍ଷେପ ସ୍ୱରୂପ ସବଡିଭିଜିଓନାଲ ମାଜିଷ୍ଟ୍ରେଟ୍ ପୁଲିସ ଓ ଲଘୁ ଖଣିଜ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏସବୁ ଘଟଣା ଦେଖିବାକୁ ମିଳିଛି ବଡସାହି ବ୍ଲକ୍ ଅଧୀନରେ ପ୍ରବାହିତ ବୁଢାବଳଙ୍ଗ ନଦୀର ବିଭିନ୍ନ ଶଯ୍ୟାକୁ ନେଇ। ଯାହାଫଳରେ ସମସ୍ତ ସରକାରୀ ଘାଟ ବନ୍ଦ ରହିଛି। ଫଳରେ ବିଭିନ୍ନ ସରକାରୀ କାର୍ଯ୍ୟ ଓ ଘର ନିର୍ମାଣ ପାଇଁ ସାଧାରଣ ଲୋକେ ଓ ଠିକାଦାର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚୋରା ବେଆଇନ ଚାଲାଣ କରି ମାଫିଆମାନେ ୫ ଗୁଣା ଅଧିକ ଚଢ଼ା ଦରରେ ବିକ୍ରି କରି ମାଲେମାଲେ ହେଉଛନ୍ତି। ପୁଲିସ ଓ ପ୍ରଶାସନ ଏହା ଉପରେ ରୋକ ଲଗାଇବାକୁ ବିଫଳ ହୋଇଥିବାବେଳେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ହେଉଛି। ଏଥିସହ ନିକଟରେ ଥିବା ପୋଲ ପ୍ରତି ବିପଦ ସୃଷ୍ଟି କରିଛି। ପ୍ରତିଦିନ ବେଆଇନ ବାଲି ଉତ୍ତୋଳନ ଏକ ସ୍କାମରେ ପରିଣତ ହୋଇଥିବା ଅଭିଯୋଗ ହେଉଛି।

ବର୍ତ୍ତନା, ଆସକନ୍ଦ, କୁଳିଅଣା(ବି), ପ୍ରତାପପୁର, ତେନ୍ତୁଳ, ଜଳନଣ୍ଡ, ବିଦ୍ୟାଧରଖୁଣ୍ଟା, ଚନ୍ଦନପୁର, ସର୍ବେଶ୍ୱରପୁର, ମହୁପୁରା, କୁଳକୋଠା ଆଦି ନଦୀଶଯ୍ୟାରୁ ବେଆଇନ ବାଲି ଉତ୍ତୋଳନ ଯୋଗୁଁ ଶଯ୍ୟା ଗଭୀର ହେବା ସହିତ ନଦୀପଠା କ୍ଷୟ ହୋଇ ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ମେସିନ ସାହାଯ୍ୟରେ ବାଲି ଉତ୍ତୋଳନ କରାଯାଇ ଟ୍ରକ୍ଟର, ଡମ୍ପର ଓ ହାଇୱା ଯୋଗେ ପ୍ରତିଦିନ ଜିଲ୍ଲା ଓ ଜିଲ୍ଲା ବାହାରର ବିଭିନ୍ନ ସ୍ଥାନକୁ ଚାଲାଣ ହେଉଛି। ପୁଲିସ, ରାଜସ୍ୱ ବିଭାଗ ଓ ଖଣି ବିଭାଗ ଏହାକୁ ରୋକିବାକୁ ଅସହାୟ ହୋଇପଡିଛି। ବର୍ତ୍ତନାର ବିଭିନ୍ନ ସ୍ଥାନରେ ଓ ଆମ୍ବଯୋଡା ରାଇସ ମିଲ ନିକଟରେ ବାଲିକୁ ଡମ୍ପ କରି ଚଢ଼ା ଦରରେ ଏହି ବେଆଇନ କାରବାର ଚାଲିଛି। ଏପରିକି ବର୍ତ୍ତନା- କୁଳିଅଣା(ବି) ଓ ରଙ୍ଗପାଣି-ତେନ୍ତୁଳ ପୋଲରୁ ୧୦୦ ମିଟର ଦୂରତ୍ୱ ଭିତରେ ବାଲି ଉତ୍ତୋଳନ ଚାଲିଥିବାରୁ ଏହାର ମୂଳଦୁଆ ଦୁର୍ବଳ ହେବା ସହିତ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। ବାଲି ଉତ୍ତୋଳନ ଓ ଚାଲାଣ ସମୟରେ ପୁଲିସ, ରାଜସ୍ୱ ବିଭାଗ ଓ ଖଣି ବିଭାଗକୁ ଜଗିବା ପାଇଁ କିଛି ପିଲାଙ୍କୁ ମୋଟା ଅଙ୍କର ପାରିଶ୍ରମିକ ଦେଇ ନିୟୋଜିତ କରାଯାଉଥିବାର ଦେଖିବାକୁ ମିଳୁଛି। ଏପରିକି ସୂଚନା ପାଇଁ ହ୍ୱାଟସଆପ୍ ଗ୍ରୁପ ମଧ୍ୟ କାମ କରୁଥିବାର ଜଣାଯାଇଛି। ବର୍ତ୍ତନା ଓ କୁଳିଅଣା(ବି) ଘାଟରୁ ବାଲି ଉତ୍ତୋଳନ କରି ଗାଁ ଭିତର ଦେଇ ଯାଉଥିବା ଟ୍ରାକ୍ଟର ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଲୋକଙ୍କ ଧନ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଲାଇସେନ୍ସ ବିହୀନ ବହୁ ଛୋଟ ଛୋଟ ପିଲା ଗାଡ଼ି ଚଳାଉଥିବା ଦେଖିବାକୁ ମିଳିଛି। ତେଣୁ ପୁଲିସ ଗାଡ଼ି ଯାଞ୍ଚ କରିବାର ଆବଶ୍ୟକତା ରହିଛି। ଏ ସମସ୍ତ ଅଭିଯୋଗକୁ ନେଇ ପ୍ରଶାସନ ପକ୍ଷରୁ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବା ସହିତ ପୁଣି କିଛି ନଦୀଶଯ୍ୟାକୁ ନେଇ ଏନଜିଟିରେ ମାମଲା ଦାୟର ହେବ ବୋଲି ଜଣାଯାଇଛି। ଏ ସମ୍ପର୍କରେ ନୂତନ ଭାବେ ଯୋଗ ଦେଇଥିବା ବଡସାହି ତହସିଲଦାର ବିଶ୍ୱନାଥ ବିଶ୍ୱାଳଙ୍କୁ ପଚାରିବାରୁ ସେ ଖଣି ବିଭାଗ ସହିତ ଆଲୋଚନା କରି ଖୁବଶୀଘ୍ର ପଦକ୍ଷେପ ନେବେ ବୋଲି କହିଛନ୍ତି।

## ବୈଶିଙ୍ଗା ଥାନାଞ୍ଚଳରେ ଚୋରି

ବୈଶିଙ୍ଗା,୨୫।୫(ସମିସ): ବୈଶିଙ୍ଗା ଥାନା ଇଲାକାରେ କିଛିଦିନର ବ୍ୟବଧାନ ପରେ ପୁଣି ସକ୍ରିୟ ହେଇଛନ୍ତି ଚୋର। ବିଳମ୍ବିତ ରାତିରେ ଘରେ କେହି ନ ଥିବା ସୁଯୋଗ ନେଇ ଘରେ ପଶି କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ବୈଶିଙ୍ଗା-ରୁପସା ରାସ୍ତା ପାର୍ଶ୍ୱର୍ କଦଳିଆ ଛକ ନିକଟରେ ଥିବା ହରିପଦ ଦାସଙ୍କ ଘରୁ ଚୋରି ହୋଇଛି। ହରିପଦ ଓ ତାଙ୍କ ସ୍ତ୍ରୀ ସମ୍ପର୍କୀୟଙ୍କ ଘରକୁ ଯାଇଥିବାବେଳେ ରବିବାର ରାତିରେ ଘରେ କେହି ନ ଥିଲେ। ଏହାର ସୁଯୋଗ ନେଇ ଚୋର ଘରର ପଛ ପଟେ ଥିବା ଝରକା କାଚ ଓ ଗ୍ରିଲ ତାଡି ଚୋରି କରିଛନ୍ତି। ଆଲମାରୀ ତାଡି ସେଥିରେ ଥିବା ବ୍ୟାଙ୍କର ସମସ୍ତ କାଗଜପତ୍ର ସମେତ ନଗଦ ଟଙ୍କା ଓ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟିଛନ୍ତି। ସକାଳୁ ହରିପଦ ଘରେ ପହଞ୍ଚି ଦେଖିବା ପରେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

## ବିଦ୍ୟାଳୟ ପରିସରରେ ଗଛକଟାକୁ ନେଇ ଉତ୍ତେଜନା

ଉଦଳା,୨୫।୫ (ସମିସ): ବିଦ୍ୟାଳୟ ପରିସରରେ ବ୍ୟାପକ ଗଛକଟାକୁ ନେଇ ଦେଖାଦେଇଛି ଉତ୍ତେଜନା। ଉଦଳା ଥାନା ଅନ୍ତର୍ଗତ ରାଢୋ କେଜିବିଭି ବିଦ୍ୟାଳୟ ପରିସରରୁ ବ୍ୟାପକ ପରିମାଣର ଗଛ କାଟି ଦିଆଯାଇଛି। ବିଦ୍ୟାଳୟ କ୍ୟାମ୍ପସ ଭିତରେ ଥିବା ୧୫ରୁ ଅଧିକ ପଟାସ, ମୂଲ୍ୟବାନ ଗମ୍ଭାରୀ ଗଛ ସହିତ ଅନେକ ଗଛକୁ କାଟି ଦିଆଯାଇଛି। ଯାହାକୁ ନେଇ ତାତିଛନ୍ତି ଗ୍ରାମବାସୀ। ପରିଚାଳନା କମିଟି ଅଜାଣତରେ ଓ ବିନା ବନ ବିଭାଗ ପରମିସନରେ ଏହି ଗଛ କଟାଯାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଯାହାକୁ ନେଇ ବିଦ୍ୟାଳୟ ପରିସରରେ ଉତ୍ତେଜନା ଦେଖାଯାଇଛି। ଗ୍ରାମବାସୀ ବିଦ୍ୟାଳୟରେ ପହଞ୍ଚି ଏହି ବେଆଇନ ଗଛ କଟାକୁ ତୀବ୍ର ବିରୋଧ କରିଛନ୍ତି। ଏପରିକି ଏହି ଗଛ କଟାଯିବା ଫଳରେ ବିଦ୍ୟାଳୟ ଭିତରେ ଥିବା ପାଚେରି ଓ କାନ୍ଥ ମଧ୍ୟ ଭାଙ୍ଗିଯାଇଛି। ବିନା କୌଣସି ସୂଚନାରେ ପ୍ରଧାନ ଶିକ୍ଷୟିତ୍ରୀ ଏହି ଗଛ କାଟିଥିବାବେଳେ ତାହାକୁ ବିକ୍ରୀ କରିବେ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସେପଟେ ବିଦ୍ୟାଳୟରେ ଗଛ କାଟିବା ପାଇଁ ସେ ବନ ବିଭାଗ ଅନୁମତି ଆଣିଥିବା କହିଥିଲେ ସୁଦ୍ଧା କୌଣସି କାଗଜପତ୍ର ପ୍ରଧାନ ଶିକ୍ଷୟିତ୍ରୀ ଦେଖାଇପାରି ନ ଥିବା ଜଣାପଡ଼ିଛି।



## ଅଘୋଷିତ ବିଦ୍ୟୁତ୍ କାଟ୍, ଲୋକେ ହନ୍ତସନ୍ତ

ବେତନଟୀ, ୨୫।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅଞ୍ଚଳରେ ଗତ କିଛିଦିନ ଧରି ଅଘୋଷିତ ଭାବେ ବିଦ୍ୟୁତ କାଟ ହେବାରୁ ସ୍ଥାନୀୟ ବାସିନ୍ଦା ହନ୍ତସନ୍ତ ହେଉଛନ୍ତି। ଦିନ ଓ ରାତିର ଯେକୌଣସି ସମୟରେ ବିନା ପୂର୍ବ ସୂଚନାରେ ବିଦ୍ୟୁତ କାଟ ହେଉଥିବାରୁ ବୟସ୍କ, ରୋଗୀ ଓ ଛୋଟ ପିଲା ଅଧିକ କଷ୍ଟ ପାଉଛନ୍ତି। ଗତ ମାର୍ଚ୍ଚ ମାସରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସରକାରୀ ଭାବେ ଘୋଷଣା କରିଥିଲେ ଯେ ବିଦ୍ୟୁତ କାଟ ହେବ ନାହିଁ ଓ କାଟ କଲେ ଦାୟୀ ବ୍ୟକ୍ତି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ପ୍ରତିଶ୍ରୁତି ପରେ ମଧ୍ୟ ଅଞ୍ଚଳରେ ନିୟମିତ ବିଦ୍ୟୁତ କାଟ ଜାରି ରହିଛି। ବେତନଟୀ ବ୍ଲକ କଂଗ୍ରେସ କମିଟି ଏହି ପରିସ୍ଥିତିକୁ ଦୃଢ଼ ଭାବେ ନିନ୍ଦା କରିଛି। ବେତନଟୀ ବଣିକ ସଂଘ ସଭାପତି ସୁନୀଲ ଖଣ୍ଡେଲୱାଲ କହିଛନ୍ତି, ସରକାର ପ୍ରତିଶ୍ରୁତି ପାଳନ କରିପାରୁ ନ ଥିବାରୁ ଲୋକେ ଚରମ ଅସୁବିଧାରେ ପଡୁଛନ୍ତି। ସ୍ଥାନୀୟ ବାସିନ୍ଦାମାନେ ବିଦ୍ୟୁତ ବିଭାଗର ପକ୍ଷରୁ ଶୀଘ୍ର ସମାଧାନ ଦାବି କରିଛନ୍ତି।

## ଚମ୍ପୁଆ ପୁଲିସ ଉପଖଣ୍ଡ ପକ୍ଷରୁ ଶାନ୍ତି କମିଟି ବୈଠକ



ଚମ୍ପୁଆ,୨୫।୫(ସମିସ): ଚମ୍ପୁଆ ଉପଜିଲ୍ଲାପାଳ ସଭାକକ୍ଷରେ ଉପଖଣ୍ଡ ପୁଲିସ ଅଧିକାରୀ ରଶ୍ମୀ ରଂଜନ ସାହୁଙ୍କ ସଭାପତିତ୍ୱରେ ପୁଲିସ ଉପଖଣ୍ଡ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ପ୍ରଧାନ, ଏସ୍‌ଡିଏମ୍‌ଓ ବିଜୟ କେତନ ଦାସ, ଆଇପିଏସ୍ ଶୁଭସ୍ମିଗ୍ଧା ସେଠୀ, ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇଥିଲେ। ବିଶେଷ ଭାବରେ ଚମ୍ପୁଆ, ଝୁମ୍ପୁରା ଓ ବାରିଆ ଥାନା ଅଧିକାରୀ ସ୍ୱରୂପ ରଞ୍ଜନ ନାୟକ, ମାନସ କୁମାର ମହାକୁଳ, ଅନସୂୟା ସେଠୀଙ୍କ ସମେତ ମୁସଲିମ ସଂପ୍ରଦାୟ ଏବଂ ହିନ୍ଦୁ ସଂପ୍ରଦାୟର ପ୍ରମୁଖ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। କେବଳ ପର୍ବପର୍ବାଣି ନୁହେଁ, ସବୁ ସମୟରେ ସବୁ ପରିସ୍ଥିତିରେ ଭାଇଚାରା ଭଳି ପବିତ୍ରତାକୁ ବଞ୍ଚାଇ ରଖିବାକୁ ଉପଜିଲ୍ଲାପାଳ ଶ୍ରୀ ପରିଡ଼ା ମତ ରଖିଥିବାବେଳେ ଏସ୍‌ଡିପିଓ ଶ୍ରୀ ସାହୁ ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟରୁ ଦୂରେଇ ରହି ଆବଶ୍ୟକ ସ୍ଥଳେ ପୁଲିସର ସହଯୋଗ ନେବାକୁ ପରାମର୍ଶ ଦେଇଥିଲେ। ମିଳିତ ସହଯୋଗ ଓ ଶାନ୍ତିପୂର୍ଣ୍ଣ ବାତା ବରଣରେ ପର୍ବ ପାଳନ ପାଇଁ ପ୍ରବେଶନର ଆଇପିଏସ ଶୁଶ୍ରୀ ସେଠ ଆହାନ୍ନ ଦେଇଥିଲେ।

## ଟ୍ରାକ୍ଟର ଓଲଟି ଚାଳକ ମୃତ

ତୁରୁମୁଙ୍ଗା,୨୫।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେତାଙ୍ଗ ଗ୍ରାମରେ ଘଟିଛି ଅଘଟଣ। ସୋମବାର ମଧ୍ୟାହ୍ନରେ ଟ୍ରାକ୍ଟର ଯୋଗେ ସୀତା ନଦୀରୁ ବାଲି ବୋଝେଇ କରି ଆସୁଥିବା ସମୟରେ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡ଼ିବାରୁ ଟ୍ରାକ୍ଟର ତଳେ ଚାପି ହୋଇ ଘଟଣା ସ୍ଥଳରେ ଚାଳକର ମୃତ୍ୟୁ ଘଟିଛି। ମୃତକ ହେଲେ କେତାଙ୍ଗ ଗ୍ରାମର ଶଙ୍କର୍ଷଣ ନାଏକ। ଖବର ପାଇ ଘଟଣା ସ୍ଥଳରେ ଘଟଗାଁ ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଏସିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଲା ଦଶରଥଙ୍କ ବାଲୁକା କଳା




ବାରିପଦା, ୨୫।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ଐତିହାସିକ ଚୈତ୍ର ପର୍ବ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିର୍ମିତ ବିଶାଳ ବାଲୁକା କଳା ଏବେ ଜିଲ୍ଲା ପାଇଁ ଗର୍ବର କାରଣ ହୋଇଛି। ମୟୂରଭଞ୍ଜର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ନେଇ ପ୍ରସ୍ତୁତ ଏହି ବାଲୁକା ଶିଳ୍ପ ପ୍ରଥମେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ଓ ପରେ ଏସିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇ ଜିଲ୍ଲାକୁ ଆନ୍ତର୍ଜାତିକ ସ୍ତରରେ ନୂଆ ପରିଚୟ ଦେଇଛି। ଏହି ବିଶାଳ ବାଲୁକା କଳାକୃତିକୁ ମୟୂରଭଞ୍ଜର ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ଦଶରଥ ମହାନ୍ତ ନିର୍ମାଣ କରିଥିଲେ। ପ୍ରାୟ ଆଠ ଲକ୍ଷ କିଲୋ ବାଲି ବ୍ୟବହାର କରି ୫୦ ଫୁଟ୍ ଓସାର ଓ ୨୦ ଫୁଟ୍ ଉଚ୍ଚତାର ଏହି ଅଦ୍ଭୁତ ବାଲୁକା ଶିଳ୍ପ ତିଆରି କରାଯାଇଥିଲା। ଏଥିରେ ମୟୂରଭଞ୍ଜର ଲୋକକଳା, ପରମ୍ପରା ଓ ସାଂସ୍କୃତିକ ଗୌରବକୁ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଥିଲା। ତାଙ୍କର ଏଭଳି ପ୍ରୟାସ ପଛରେ ଜିଲ୍ଲାର ଅଗ୍ରଣୀ ଯୁବ ଛାତ୍ର ସଂଗଠନ ଭଞ୍ଜସେନା ସମ୍ପୂର୍ଣ୍ଣ ସହଯୋଗର ହାତ ବଢ଼ାଇ ଆସିଛି। ଏହି ସଫଳତା ପାଇବା ପରେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ସଭାପତିତ୍ୱରେ ମାତୃମଙ୍ଗଳ ଛକଠାରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସଞ୍ଜୀବ ଦ୍ୱିବେଦୀ, ଆନ୍ତର୍ଜାତିକ ବ୍ଲଗର ଲବ ହାଁସଦା, କ୍ରୀଡ଼ା ପ୍ରଶିକ୍ଷକ ଦିବ୍ୟରଞ୍ଜନ ଦାସ, ସମାଜସେବୀ କାଶୀନାଥ ରଣା, ଆଇନଜୀବୀ ସତ୍ୟସ୍ୱରୂପ ଦାସ, ନିମାଇଁ ତ୍ରିପାଠୀ, ସତ୍ୟବାନ ପାତ୍ର, ସତ୍ୟରଞ୍ଜନ ମହାନ୍ତି, ଆଶୁତୋଷ ସାହୁ, ସମୀର ଦେ, ରଞ୍ଜନ ଗିରି, ସୁରନଜିତ ସୋମ୍, ମଦନ ସାହୁ, ଦେବାଶିଷ ଜେନା, କାମେଶ୍ୱର ତ୍ରିପାଠୀ, ଶଙ୍କୁ ପାଲ, ଦୀପକ ସୁର, ବଳିଆ ରଣା, ଅଭିଷେକ ବେହେରା, ଦେବଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନିଜ ଘରେ ନିଆଁ ଲଗାଇଲେ ଯୁବକ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ବେତନଟୀ, ୨୫।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ ମୁକ୍ତାପୁର ପଞ୍ଚାୟତର ପାରାଇ ଗ୍ରାମରେ ଏକ ଅସ୍ୱାଭାବିକ ଘଟଣା ଘଟିଛି। ଜଣେ ଯୁବକ ନିଜ ଘରେ ଦୁଇ ଦୁଇଥର ନିଆଁ ଲଗାଇ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ସମ୍ପୂର୍ଣ୍ଣ ଭାବେ ଜାଳିପୋଡ଼ି ପାଉଁଶ କରିଦେଇଛନ୍ତି। ଏହି ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ପାରାଇ ଗ୍ରାମର ଶଙ୍କର କିସ୍କୁଙ୍କ ପୁଅ ବାଇଧର କିସ୍କୁ ଶନିବାର ଦିନବେଳା କୌଣସି କଥାରେ ଉତ୍ତେଜିତ ହୋଇ ହଠାତ୍ ନିଜ ଘରେ ନିଆଁ ଲଗାଇ ଦେଇଥିଲେ। ବେତନଟୀ ଅଗ୍ନିଶମ ବାହିନୀ ତୁରନ୍ତ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ରାତିରେ ସମସ୍ତେ ଶୋଇବା ପରେ ବାଇଧର ପୁନର୍ବାର ଘରେ ନିଆଁ ଲଗାଇ ଦେଇଥିଲେ। ଗ୍ରାମବାସୀଙ୍କ ଜାଣିବା ପୂର୍ବରୁ ନିଆଁ ସମଗ୍ର ଘରକୁ ଗ୍ରାସ କରି ନେଇଥିଲା। ଫଳରେ ଘରେ ଥିବା ଧାନ, ଚାଉଳ, ଆସବାବପତ୍ର ଆଦି ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଛି। ବେତନଟୀ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ରବିବାର ରାତିରେ ବାଇଧରଙ୍କ ପିତା ଶଙ୍କର କିସ୍କୁ ଥାନାରେ ଏତଲା ଦାଖଲ କରିବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି।

# ଜୁନ୍ ପ୍ରଥମ ସପ୍ତାହରେ କାର୍ଯ୍ୟକ୍ଷମ ହେବ ରଙ୍ଗାମାଟିଆ ପିଆରଏମ୍ ଏମ୍‌ସିଏଚ୍

ବାରିପଦା, ୨୫।୫(ସମିସ):



ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାଲିଥିବା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜ ଓ ହସ୍ପିଟାଲ (ପିଆରଏମ୍ ଏମ୍‌ସିଏଚ୍) ରୋଗୀଙ୍କ ଦାବି ଓ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଜୁନ୍ ମାସ ପ୍ରଥମ ସପ୍ତାହରେ ରଙ୍ଗାମାଟିଆରେ ନିର୍ମିତ ନୂତନ କ୍ୟାମ୍ପସରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ମେଡିକାଲ୍ କଲେଜ କର୍ତ୍ତୃପକ୍ଷ ଗତ କିଛିଦିନ ଧରି କଲେଜର ଅଧ୍ୟାପକ, ଆସୋସିଏଟ୍ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସମେତ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀଙ୍କ ସହ ବୈଠକ କରି ବାରିପଦାରୁ ପ୍ରାୟ ୭ କିଲୋମିଟର ଦୂରରେ ଥିବା ରଙ୍ଗାମାଟିଆକୁ ମେଡିକାଲ୍ କଲେଜ ସ୍ଥାନାନ୍ତରଣ କରିବା ନେଇ ଆଲୋଚନା କରିଛନ୍ତି।

ମେଡିକାଲ୍ କଲେଜ ସୂତ୍ରରୁ ଜଣାପଡ଼ିଛି ଯେ, ଫାୟାର ସେଫ୍ଟି, ବିଦ୍ୟୁତ୍ ସଂଯୋଗ, ଜମି ରୂପାନ୍ତରଣ ଓ କିଛି ଅନ୍ୟାନ୍ୟ ଅଧିକାରିକ ସମସ୍ୟା ଯୋଗୁଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ମେଡିକାଲ୍ କଲେଜ ସ୍ଥାନାନ୍ତରଣରେ ବିଳମ୍ବ ହୋଇଥିଲା। ଏହି ସମସ୍ୟାଗୁଡ଼ିକ ଏବେ ସମାଧାନ ହୋଇଛି ଓ ଜୁନ୍ ମାସ ଭିତରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାର ଯୋଜନା କରାଯାଇଛି। ଡେଣ୍ଟାଲ୍, ଅର୍ଥୋପେଡିକ୍, ଗାଇନୋକୋଲୋଜି, ମେଡିସିନ୍ ବିଭାଗ ସହ ଇମର୍ଜେନ୍ସି ଓଟି, ଟ୍ରମା କେୟାର ସେଣ୍ଟର, ୧୦ଟି ଆଇସିୟୁ ଓ ୬୫୮ ଶଯ୍ୟା ବିଶିଷ୍ଟ ସେଣ୍ଟ୍ରାଲ୍ ଏୟାର କଣ୍ଡିସନ୍ ସୁବିଧା ସମ୍ପ୍ରତି ଉଦଘାଟିତ ହୋଇସାରିଛି। ବାକି ଥିବା ୮ଟି ବିଭାଗ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ମେସିନ୍ ସ୍ଥାନାନ୍ତରଣ ପରେ ଉଦଘାଟିତ ହେବ। ମୟୂରଭଞ୍ଜ ଜିଲ୍ଲା ସହ ବାଲେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ରାଜ୍ୟ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ରୋଗୀ ମଧ୍ୟ ପିଆରଏମ୍ ଏମ୍‌ସିଏଚ୍ ଉପରେ ନିର୍ଭର କରନ୍ତି। ପ୍ରାୟ ୫୦ ଏକର ଜମି ଉପରେ ଏହି ମେଡିକାଲ୍ କଲେଜ ସ୍ଥାପିତ ହୋଇଛି। ଏଥିରେ ପ୍ରାୟ ୬୦ ପ୍ରତିଶତ ଜାଗା ହଷ୍ଟେଲ ଓ କର୍ମଚାରୀ କ୍ୱାର୍ଟର୍ସ ପାଇଁ ବ୍ୟବହୃତ ହୋଇଛି। ବାକି ଜାଗା ମେଡିକାଲ୍ କଲେଜ, ପ୍ରଶାସନିକ କାର୍ଯ୍ୟାଳୟ ଓ ଭବିଷ୍ୟତ ଇନଫ୍ରାଷ୍ଟ୍ରକ୍‌ଚର୍ ବିକାଶ ପାଇଁ ରହିବ। ରାଜ୍ୟ ସରକାର ୨୫୦ କୋଟି ଟଙ୍କା ଖର୍ଚ୍ଚ କରି ଏହି ମେଡିକାଲ୍ କଲେଜ ନିର୍ମାଣ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ ଓ ୨୦୧୭ ସେପ୍ଟେମ୍ବର ୬ ତାରିଖରେ ନିର୍ବାଚନ ପୂର୍ବରୁ ଉଦଘାଟନ କରିଥିଲେ। ମେଡିକାଲ୍ କଲେଜର ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ରୀତାଞ୍ଜଳି ବେହେରା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବା ପରେ ପିଆରଏମ୍ ଏମ୍‌ସିଏଚ୍ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଏହାର ଅନ୍ତିମ ଉଦଘାଟନ ତାରିଖ ପାଇଁ ସେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ସହ ଆଲୋଚନା କରିଛନ୍ତି।

## ରାଜସ୍ୱ ବିଭାଗ ପଦୋନ୍ନତି କମିଟି ବିରୋଧରେ ମାସା ଆର୍ମୀର ଅଭିଯୋଗ



ବାରିପଦା, ୨୫।୫(ସମିସ): ମୟୂରଭଞ୍ଜ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଏସଟି ପ୍ରାର୍ଥୀଙ୍କ ପ୍ରତି ପଦୋନ୍ନତି କ୍ଷେତ୍ରରେ ଉପେକ୍ଷା ଓ ଅନ୍ୟାୟ କରାଯାଇଛି। ଚଳିତ ବର୍ଷ ରାଜସ୍ୱ ବିଭାଗର ବିଭାଗୀୟ ପଦୋନ୍ନତି କମିଟି ଦ୍ୱାରା ପ୍ରକାଶ ପାଇଥିବା ଏଆରଆଇରୁ ଆରଆଇ ପ୍ରମୋସନ ତାଲିକାରେ ଏସଟି ପ୍ରାର୍ଥୀଙ୍କୁ ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି। ଏଥିସହ ଏସଟି ପ୍ରାର୍ଥୀଙ୍କ ପ୍ରତି ଅନ୍ୟାୟ ହୋଇଥିବା ମାସାଆର୍ମୀ ସଙ୍ଗଠନ ପକ୍ଷରୁ କୁହାଯାଇଛି। ସଂଗଠନର କହିବା ଅନୁଯାୟୀ, ଏସଟି ବର୍ଗର ୮ଟି ଖାଲି ପଡିଥିବା ପଦବୀ ମଧ୍ୟରୁ କେବଳ ଜଣେ ମାତ୍ର ପ୍ରାର୍ଥୀଙ୍କୁ ପଦୋନ୍ନତି ଦିଆଯାଇଥିବାବେଳେ ଏସସି ବର୍ଗର ୬ଟି ଖାଲି ପଡିଥିବା ପଦବୀରୁ ୨ ଜଣଙ୍କୁ ପଦୋନ୍ନତି ଦିଆଯାଇଛି। ସେହିପରି ଖାଲିପଡିଥିବା ୨୫ଟି ଅନରିଜର୍ଭ ସିଟ୍‌ରେ ଜେନେରାଲ,ଏସଇବିସି ଓ ଓବିସି ବର୍ଗକୁ ମିଶାଇ ୧୯ ଜଣଙ୍କୁ ପଦୋନ୍ନତି ଦିଆଯାଇଛି। ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବା ସତ୍ତ୍ୱେ ପଦୋନ୍ନତି କ୍ଷେତ୍ରରେ ଏସଟି ପ୍ରାର୍ଥୀଙ୍କ ପ୍ରତି ଘୋର ପାତରଅନ୍ତର, ଅବହେଳା ଓ ଅନ୍ୟାୟ କରାଯାଉଛି ବୋଲି ମାସାଆର୍ମୀ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ଖାଲିପଡିଥିବା ୮ଟି ପଦବୀର ୫୦ ପ୍ରତିଶତ ଅନୁଯାୟୀ ଅତିକମ୍‌ରେ ୪ ଜଣ ଏସଟି ପ୍ରାର୍ଥୀଙ୍କୁ ପଦୋନ୍ନତି ଦେବା ପାଇଁ ମାସାଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ପ୍ରଦାନ କରାଯାଇଛି। ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ନାଏକଙ୍କୁ ମଧ୍ୟ ଦିଆଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଗଣଆନ୍ଦୋଳନ କରାଯିବ ବୋଲି ମାସାଆର୍ମୀ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

